# ପିଲାଙ୍କ ଧରିତ୍ରୀ

ଶନିବାର, ୨୨ ଡିସେମ୍ବର, ୨୦୧୮



୩ ରେକର୍ଡ



୪ ତୁମ ତୁଳୀରୁ

୨ ଜଣା -ଅଜଣା





୬ ଗପ

## ଖିଲି ଖିଲି ହସ

✲ (ରୀତା ଓ ଗୀତା ମଧ୍ୟରେ କଥାବାର୍ତ୍ତା)
ରୀତା: ଗୀତା, ମୋ ସ୍କିନ୍ ବହୁତ ଅଏଲି ହୋଇଯାଇଛି। କହ ମୁଁ କ'ଣ ଲଗାଇବି ?
ଗୀତା: ଏଇ ନେ ବାସନ ମଜା ସାବୁନ୍। ମା' କୁହେ ସବୁ ପ୍ରକାର ଚିକ୍କଣ ଏ ସାବୁନ୍ ସଫା କରିଦେବ।

✲ ଚିଣ୍ଟୁ ଥରେ କେଶ କାଟିବାକୁ ସେଲୁନ୍ ଗଲା। ସେଲୁନ ମାଲିକ କହିଲେ– ପୁଅ କେମିତି କେଶ କାଟିବି ?
ଚିଣ୍ଟୁ: ମୁଁ ଯଦି କାଟିବା ଜାଣିଥାନ୍ତି ତେବେ ତୁମ ପାଖକୁ କାଇଁ ଆସିଥାନ୍ତି ?

✲ ନିକି ତା' ସାଙ୍ଗ ରାଜୁ ଘରକୁ ଯାଇ କଲିଂ ବେଲ୍ ଟିପିଲା।
ରାଜୁ: କିଏ ?
ନିକି: ରାଜୁ, ମୁଁ ତୋ ସାଙ୍ଗ ।
ରାଜୁ: କେମିତି ଆସିବାର ହେଲା ?
ନିକି: ଏମିତି ଦେଖାକରି କଥାବାର୍ତ୍ତା ହୋଇଥାନ୍ତି ।
ରାଜୁ: ଆଚ୍ଛା, ତୁମ ସହ ଆଉ କିଏ ଅଛନ୍ତି ?
ନିକି: ମୋ ସହ ଭିକ୍କି ଆଉ ଟୋନି ଅଛନ୍ତି ।
ରାଜୁ: ତା'ହେଲେ ଗୋଟେ କାମ କର ତୁମେମାନେ କଥା ହେଉଥାଅ ମୁଁ ଟିକେ ଆରାମ କରୁଛି।

## -: ସୂଚନା :-

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼



## ମତାମତ

- ପୃଷ୍ଠା ୩ରେ ସ୍ଥାନିତ ଆସ ଜାଣିବା ସ୍ତମ୍ଭରୁ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ବିଷୟରେ ଜାଣିପାରିଲି।
  – ପରିଣିତା ସ୍ୱାଇଁ, ବୋରିକିନା, ଜଗତ୍‌ସିଂହପୁର
- ବିଜ୍ଞାନ କଥାରେ ପ୍ରକାଶିତ 'ଶବ୍ଦକୁ ଦେଖିପାରେ ମସ୍ତିଷ୍କ'ରୁ ମସ୍ତିଷ୍କର ବିଶେଷତ୍ୱ ସମ୍ପର୍କରେ ଜାଣିହେଲା।
  – ଜଗଦୀଶ ମହାପାତ୍ର, ପଳାଶୁଣୀ, ଭୁବନେଶ୍ୱର
- ଶୀତ ସମ୍ପର୍କିତ କବିତା ୨ଟି ବେଶ୍ ମନଛୁଆଁ ହୋଇଥିଲା। ସ୍ପାଇଡରମ୍ୟାନ୍ ବେଶ ଧାରଣ କରି ରେକର୍ଡ ବିଷୟଟି ପାଠ କଲି। ବାସ୍ତବିକ ଏହି ଇଭେଣ୍ଟଟି ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।
  – ଅନିନ୍ଦିତା ଷଡ଼ଙ୍ଗୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
- ସାବାସ୍ କୁନ୍‌ମୁନ୍ ଗପରୁ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ବାରଣ କରିବାକୁ ପରାମର୍ଶ ମିଳିଲା।
  – ବିଘ୍ନେଶ୍ୱର ସାହୁ, ଇନ୍ଦିପୁର, ଢେଙ୍କାନାଳ

# ସାନ୍ତା ପାଳିଲା ବଡ଼ଦିନ

ଗପ



ସାନ୍ତା ଭାରି ଖୁସି ମିଜାଜର ଲୋକ । ସବୁବେଳେ ଖୁସି ମଜାରେ ସେ ଦିନକାଟେ । ପିଲାଙ୍କୁ ଚକୋଲେଟ୍, ଟେଡି ଓ ଖେଳନା ଆଦି ଉପହାର ଦିଏ । ସାନ୍ତାର ଯାଦୁକରୀ ପୋଷାକ ଓ ନାଲି ଧଳା ଟୋପି ପିଲାଙ୍କୁ ବେଶ୍ ଭଲଲାଗେ । ସେଥିପାଇଁ ପିଲାମାନେ ସବୁବେଳେ ସାନ୍ତା ସହ ଖେଳିବାକୁ ଓ ମଜାଗପ କରିବାକୁ ଆସନ୍ତି । ସାନ୍ତା ବି ପିଲାଙ୍କୁ ଖୁବ୍ ସ୍ନେହ ଆଦର କରେ ।

ଦିନେ ଡିସେମ୍ବର ମାସରେ ଏମିତି ଏକ ଦିନରେ ସାନ୍ତା ବାଇବେଲ୍ ପଢ଼ିଯାଇଥିଲା। ହେଲେ ଫେରିବାବେଳେ ସେ ନିଜର ଲମ୍ବା ଯାଦୁକରୀ ପୋଷାକକୁ ଆଣିବାକୁ ଭୁଲିଗଲା । ଡିସେମ୍ବର ମାସ ତ ପ୍ରବଳ ଶୀତ । ଏଣୁ ସାନ୍ତା ବି ବାଟରେ ଶୀତମାଡ଼ ଖାଇଲା । ବିଚରା ଶୀତରେ ଥରଥର ହୋଇ ଦୀର୍ଘ ସମୟ ପରେ ଘରେ ପହଞ୍ଚିଲା । ଘରେ ଶୀତବସ୍ତ୍ର ଢାଙ୍କି ହୋଇ ଜାକିଜୁକି ହୋଇ ଶୋଇଗଲା । ହେଲେ ପରଦିନ ସକାଳୁ ତାକୁ ଥଣ୍ଡା ଜୋର ଧରିଲା । ଥଣ୍ଡା କାଶ ଲାଗିରହିବାରୁ ସାନ୍ତାକୁ ଜ୍ୱର ମଧ୍ୟ ମାଡ଼ି ବସିଲା । ବିଚରା ସାନ୍ତା ନିଜ ଦେହ ଖରାପ ପାଇଁ ଯେତିକି ଚିନ୍ତିତ ହୋଇପଡିଲା ବଡ଼ଦିନ କେମିତି ପାଳିବ ଭାବି ଆହୁରି ମନଦୁଃଖ କଲା। ଶେଷରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ପ୍ରାର୍ଥନା କରି ସାନ୍ତା ତା'ଖଟରେ ଗଡ଼ପଡ଼ ହେଉଥାଏ, ହଠାତ୍ କେହି କବାଟ ଖଡ଼ଖଡ଼ କରିବା ଶୁଭାଗଲା। ଏହାପରେ ସାନ୍ତା ଉଠିଯାଇ ଦେଖେତ ରହିମ୍ ଓ ରୋଶନ୍ ତାଙ୍କ ସାଙ୍ଗସାଥୀଙ୍କୁ ନେଇ ବାହାରେ ଛିଡା ହୋଇଛନ୍ତି। ରହିମ୍ ଓ ରୋଶନର ସାଙ୍ଗମାନେ ହାତରେ ଭଳିକି ଭଳି ଉପହାର ନେଇ ସାନ୍ତା ଘରକୁ ଆସିଛନ୍ତି । ଏହିସବୁ ଦେଖି ସାନ୍ତା ଖୁସିରେ ଗଦ୍ ଗଦ୍ ହୋଇଗଲା । ପିଲାଙ୍କୁ ଡାକି ଘରେ ବସାଇଲା। ଦେହରେ ନିଜର ଲମ୍ବା ଓ ମୋଟା ପୋଷାକ ଢାଙ୍କି ହୋଇ ସାନ୍ତା ପିଲାଙ୍କ ସହ ଖେଳକୁଦ କରିବାକୁ ବାହାରିଗଲା। ହେଲେ ପିଲାମାନେ ସାନ୍ତାକୁ ଭାରି ଆଦର କରନ୍ତି । ସାନ୍ତାର ଦେହ ଖରାପଥିବା ଜାଣି ସେମାନେ ବାହାରେ ଖେଳିବାକୁ ମନାକଲେ । ବରଂ ବଡ଼ଦିନ ଥିବାରୁ ସାନ୍ତାଘରେ ଖ୍ରୀଷ୍ଟମାସ୍–ଟ୍ରି ବନେଇବାକୁ ପିଲାଏ ଜିଦ୍ କଲେ । ପିଲାଙ୍କ କଥାରେ ସାନ୍ତା ବି ହଁ କଲା, ଆଉ ଶୀତରେ ବାହାରକୁ ନ ଯାଇ ଘରେ ସଜାସଜି କରି ବଡ଼ଦିନ ପାଳିବାକୁ ରାଜିହେଲା । ସାନ୍ତାକୁ ପାଖରେ ବସାଇ ପିଲାମାନେ ନିଜେ ନିଜେ ସାନ୍ତା ଘରକୁ ସଜାଇ ଦେଲେ ଏବଂ କମ୍ ସମୟରେ ଏକ ଖ୍ରୀଷ୍ଟମାସ–ଟ୍ରି ତିଆରିକରି ସାନ୍ତାକୁ ଉପହାର ଦେଲେ । ପିଲାଙ୍କର ଏହିସବୁ ଖୁସି ଓ କାମ କରିବା ଦେଖି ସାନ୍ତା ବି ଖୁସି ହେଲା । ପିଲାଏ ଆଣିଥିବା ଉପହାରକୁ ସାନ୍ତା ପୁଣି ସେମାନଙ୍କ ଭିତରେ ବାଣ୍ଟିଦେଲା ଏବଂ ପିଲାଙ୍କ ପାଇଁ ଘରେ ଥିବା ଆଉକିଛି ଉପହାର ଓ ଚକୋଲେଟ୍ ବାଣ୍ଟି ଖୁବ ହସଖୁସିରେ ବଡ଼ଦିନ ପାଳିଲା । ପ୍ରଭୁ ଯିଶୁଙ୍କ କୃପାରୁ ସାନ୍ତାର ଜ୍ୱର କେଉଁଆଡ଼େ ଉଭାନ ହୋଇଗଲା । ଛୋଟ ହେଲେ ବି ପିଲାଙ୍କ ଭିତରେ ଏ ସ୍ନେହ ଆଦର ଓ ଭଲପାଇବାର ମହତ୍ ଗୁଣ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଲା । ସାନ୍ତାର ପଡ଼ୋଶୀମାନେ ସାନ୍ତା ଓ ପିଲାଙ୍କ ଭିତରେ ଥିବା ଭଲପାଇବାର ଭୂୟସୀ ପ୍ରଶଂସା କଲେ ।

–**ଶିବରାମ ମହାପାତ୍ର,** ମହିତମା, ନୟାଗଡ

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଖ୍ରୀଷ୍ଟମାସ ଅବସରରେ କିଛି ରେକର୍ଡ







## ବୃହତ୍ତମ ଭାସମାନ ଖ୍ରୀଷ୍ଟମାସ ଟ୍ରି

ବ୍ରାଜିଲର ରିଓ ଡି ଜେନିରୋଠାରେ ଖ୍ରୀଷ୍ଟମାସ ଅବସରରେ ଉନ୍ମୋଚନ କରାଯାଇଥିଲା ଏକ ଭାସମାନ ଖ୍ରୀଷ୍ଟମାସ ଟ୍ରି। ଏହି ଟ୍ରିର ଉଚ୍ଚତା ୮୫ ମିଟର। ୨.୮ ମିଲିୟନ ଏଲ୍ଇଡି ଲାଇଟ୍ ଦ୍ୱାରା ସଜାଯାଇଥିବା ଏହି ଟ୍ରି ୨୦୦୭ ରେ ପୃଥିବୀର ସର୍ବବୃହତ୍ ଭାସମାନ ଖ୍ରୀଷ୍ଟମାସ ଟ୍ରି ଭାବେ ସ୍ଥାନ ପାଇଥିଲା ଗିନିଜ୍ ୱାର୍ଲ୍ଡ ରେକର୍ଡରେ।

## ସର୍ବବୃହତ୍ କୃତ୍ରିମ ଖ୍ରୀଷ୍ଟମାସ ଟ୍ରି

୭୨.୧ ମିଟର ଉଚ୍ଚତା ବିଶିଷ୍ଟ କୃତ୍ରିମ ଖ୍ରୀଷ୍ଟମାସ ଟ୍ରି ପ୍ରସ୍ତୁତକରି ଶ୍ରୀଲଙ୍କାର ଅର୍ଜୁନ ରଣତୁଙ୍ଗା ସ୍ଥାନ ପାଇଛନ୍ତି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ଷ୍ଟିଲ୍‌ର ଫ୍ରେମ୍ ଉପରେ ଆର୍ଟିଫିସିଆଲ ପାଇନ୍ କୋନ୍, ଡେକୋରେଟିଭ୍ ଷ୍ଟାର, ଏଲ୍ଇଡି ବଲ୍‌ବ ଆଦିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଏହି ଟ୍ରି ୨୦୧୬ ମସିହାରେ ସ୍ଥାନ ପାଇଥିଲା ଗିନିଜ୍ ୱାର୍ଲ୍ଡ ରେକର୍ଡରେ।



## ମନୁଷ୍ୟଙ୍କ ଦ୍ୱାରା ସଙ୍ଗଠିତ ସର୍ବବୃହତ୍ ଖ୍ରୀଷ୍ଟମାସ ଟ୍ରି

କେରଳର ଚେଙ୍ଗାନୁରଠାରେ ୪୦୩୦ ଜଣ ସ୍କୁଲ ଛାତ୍ରୀଛାତ୍ର ସଙ୍ଗଠିତ ହୋଇ ମିଳିତ ଭାବେ ପ୍ରସ୍ତୁତ କରିଥିଲେ ଏକ ଖ୍ରୀଷ୍ଟମାସ ଟ୍ରି। ୨୦୧୫ରେ ମିଶନ ଚେଙ୍ଗାନୁର ଏବଂ ଶୋଭନା ଜର୍ଜଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଛାତ୍ରୀଛାତ୍ରମାନେ ସବୁଜ, ହଳଦିଆ, ମାଟିଆ ଏବଂ ନାଲି ରଙ୍ଗର ପୋଷାକ ପରିଧାନ କରି ଏହି ବୃହତ୍ତମ ଖ୍ରୀଷ୍ଟମାସ ଟ୍ରି ଗଠନ କରିଥିଲେ, ଯାହା ସ୍ଥାନ ପାଇଥିଲା ଗିନିଜ୍ ୱାର୍ଲ୍ଡ ରେକର୍ଡରେ।

## ସର୍ବବୃହତ୍ ସାନ୍ତାକ୍ଲଜ ଷ୍ଟାଚ୍ୟୁ

ପୃଥିବୀର ସର୍ବବୃହତ୍ ସାନ୍ତାକ୍ଲଜ ଷ୍ଟାଚ୍ୟୁ ଭାବେ ୨୧.୮ ମିଟର ଉଚ୍ଚ ଏବଂ ୯.୧୮ ମିଟର ପ୍ରସ୍ଥ ବିଶିଷ୍ଟ ଏକ ଷ୍ଟାଚ୍ୟୁ ସ୍ଥାନ ପାଇଛି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ୨୦୧୬ରେ ଏହି ଷ୍ଟାଚ୍ୟୁ ନିର୍ମାଣ କରାଯାଇଥିଲା ପର୍ତ୍ତୁଗାଲଠାରେ। ଏହାର ନିର୍ମାଣ ଲାଗି ୮ ଟନ୍ ଆଲୁମିନିୟମ୍ ଏବଂ ଲୁହା ବ୍ୟବହାର କରାଯାଇଥିବା ବେଳେ ୧,୧୦,୦୦୦ଟି ଲୋଭୋଲଟେଜ୍ ଏଲ୍ଇଡି ବଲ୍‌ବ ଲଗାଯାଇଥିଲା।



## ସର୍ବାଧିକ ବ୍ୟକ୍ତି ସାନ୍ତାକ୍ଲଜ୍ ବେଶ ଧାରଣ କରି ରେକର୍ଡ

ତ୍ରିଶୂର ସିଟିଜେନରି ଏବଂ ତ୍ରିଶୂର ଆର୍କଡିଓସିଜ୍‌ର ମିଳିତ ଆନୁକୂଲ୍ୟରେ କେରଳର ତ୍ରିଶୂରଠାରେ ଅନୁଷ୍ଠିତ ହୋଇଥିଲା ଏକ ଚାରିଟେବଲ ଇଭେଣ୍ଟ। ଏହି ଇଭେଣ୍ଟରେ ମୋଟ ୧୮,୧୧୨ ଜଣ ବ୍ୟକ୍ତି ସାନ୍ତାକ୍ଲଜ୍ ପୋଷାକ ପରିଧାନ କରି ଏକତ୍ରିତ ହୋଇଥିଲେ। ଏତେସଂଖ୍ୟାରେ ସାନ୍ତାକ୍ଲଜ ପୋଷାକଧାରୀ ଏକତ୍ରିତ ହୋଇଥିବା ଯୋଗୁ ୨୦୧୪ ରେ ଏହି ଇଭେଣ୍ଟ ସ୍ଥାନ ପାଇଥିଲା ଗିନିଜ୍ ୱାର୍ଲ୍ଡ ରେକର୍ଡରେ।

## ବରଫରେ ନିର୍ମିତ ସର୍ବବୃହତ୍ ସାନ୍ତାକ୍ଲଜ

୨୦୦୮ ରେ ଚାଇନାଠାରେ ଅନୁଷ୍ଠିତ ହର୍ବିନ୍ ଇଣ୍ଟରନ୍ୟାଶନାଲ ସ୍ନୋ ଫେଷ୍ଟିଭାଲରେ ୧୬୦ ମିଟର ଦୀର୍ଘ ଏବଂ ୨୪ ମିଟର ଉଚ୍ଚତା ବିଶିଷ୍ଟ ସାନ୍ତାକ୍ଲଜ୍ ନିର୍ମାଣ କରାଯାଇଥିଲା, ଯାହା ବରଫରେ ନିର୍ମିତ ସର୍ବବୃହତ ସାନ୍ତାକ୍ଲଜର ମାନ୍ୟତା ପାଇଥିଲା।

## ସର୍ବବୃହତ୍ ସାନ୍ତାକ୍ଲଜ୍ ବାଲୁକାକୃତି

ଓଡ଼ିଶାର ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲିରେ ୪୫ ଫୁଟ ଲମ୍ବ ଏବଂ ୫୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ସାନ୍ତାକ୍ଲଜ୍ ନିର୍ମାଣ କରି ସୃଷ୍ଟି କରିଛନ୍ତି ରେକର୍ଡ। ୨୦୧୫ରେ ପୁରୀ ବେଳାଭୂମିରେ ସେ ଏହି ବାଲୁକାକଳା ନିର୍ମାଣ କରି ସ୍ଥାନ ପାଇଥିଲେ ଲିମ୍‌କା ରେକର୍ଡରେ। ସେହିଭଳି ୨୦୧୭ ମସିହାରେ ୨୫ ଫୁଟ୍ ଉଚ୍ଚ ଏବଂ ୫୦ ଫୁଟ୍ ଓସାର ବିଶିଷ୍ଟ କେବଳ ସାନ୍ତାକ୍ଲଜ୍‌ର ଏକ ବିଶାଳ ମୁହଁ ନିର୍ମାଣ କରି ସେ ଆଉ ଏକ ରେକର୍ଡ ସୃଷ୍ଟି କରିବାରେ ସଫଳ ହୋଇଥିଲେ।



## ସାନ୍ତାକ୍ଲଜ୍ ଥିମ୍‌ର ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ରେକର୍ଡ

କାନାଡାର ଜିନ୍ ଗାଏ ଲକ୍ୱେର ନାମକ ଜଣେ ବ୍ୟକ୍ତି ସର୍ବାଧିକ ସଂଖ୍ୟକ ସାନ୍ତାକ୍ଲଜ ଥିମ୍‌ର ବିଭିନ୍ନ ସାମଗ୍ରୀ ଯଥା ଷ୍ଟାଚ୍ୟୁ, କାର୍ଡ, ପୋଷ୍ଟକାର୍ଡ, ପିନ୍, ବ୍ରୋଚେସ୍ ଆଦି ସଂଗ୍ରହ କରି ୨୦୧୦ ରେ ସ୍ଥାନ ପାଇଥିଲେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ।

## ସାନ୍ତାକ୍ଲଜ୍ ପୋଷାକ ପରିଧାନ କରି ଦ୍ରୁତତମ ମାରାଥନ ରେକର୍ଡ

ଫିଲାଡେଲଫିଆର ବ୍ରିଆନ ଲାଙ୍ଗ ନାମକ ଜଣେ ବ୍ୟକ୍ତି ଶାନ୍ତାକ୍ଲଜ ପୋଷାକ ପରିଧାନ କରି ଦ୍ରୁତତ୍ତମ ରନର୍ ଭାବେ ସ୍ଥାନ ପାଇଛନ୍ତି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ୨୦୧୫ରେ ଅନୁଷ୍ଠିତ ହୋଇଥିବା ଏକ ଇଭେଣ୍ଟରେ ବ୍ରିଆନ ୨ ଘଣ୍ଟା ୫୪ମିନିଟ୍ ୨ ସେକେଣ୍ଡରେ ମାରାଥନ ଶେଷ କରି ଏହି ସଫଳତା ହାସଲ କରିଥିଲେ।

## ସର୍ବବୃହତ୍ ସାନ୍ତାକ୍ଲଜ୍ ଟୋପି

୧୫.୪୭ ମିଟର ଲମ୍ବ ଏବଂ ୮.୨୩ ମିଟର ପ୍ରସ୍ଥ ବିଶିଷ୍ଟ ଏକ ବୃହତ୍ତମ ସାନ୍ତାକ୍ଲଜ୍ ଟୋପି ପ୍ରସ୍ତୁତ କରି ନରୱେର ଟିଲ୍ ୟୁଥ୍‌କ୍ଲବ୍‌ର ପିଲାମାନେ ସ୍ଥାନ ପାଇଛନ୍ତି ଗିନିଜ୍ ୱାର୍ଲ୍ଡ ରେକର୍ଡରେ। ନାଲି ଏବଂ ଧଳା କପଡାରେ ପ୍ରସ୍ତୁତ କରାଯାଇଥିବା ଉକ୍ତ ଟୋପିଟି ୨୦୧୫ରେ ଏହି ରେକର୍ଡ ଅନ୍ତର୍ଭୁକ୍ତ ହୋଇଥିଲା।










# ତୁମ ତୂଳୀରୁ

୧
**ଅଂଶିତା ବେହେରା**
କ୍ଲାସ-୪, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର


୨
**ଆର୍ଯ୍ୟାଂଶ ଉତ୍ତରା**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଗିଣିଆ, ଭୁବନେଶ୍ୱର


୩
**ସୁମନ ସଞ୍ଚିତା ମିଶ୍ର**
କ୍ଲାସ-୬, ସେଣ୍ଟ୍ ଭିନ୍‌ସେଣ୍ଟ୍ ଇଂଲିଶ ମିଡିୟମ୍ ସ୍କୁଲ, ଉଦୟଗିରି,କନ୍ଧମାଳ


୪
**ବିଶ୍ୱଜିତ୍ ଦାସ**
କ୍ଲାସ -୧, ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ, ଭୁବନେଶ୍ୱର


୫
**ସାଇପ୍ରସାଦ ବାରିକ**
କ୍ଲାସ- ଏଲ୍‌କେଜି, ଶୋଭନୀୟ ପ୍ଲେ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର


୬
**ସତ୍ୟମ୍ ଷଡଙ୍ଗୀ**
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟାଙ୍ଗୀ, କଟକ


୭
**ଅର୍ପିତା ପ୍ରିୟଦର୍ଶିନୀ ରଥ**
କ୍ଲାସ -୭, ଡିଏଭି ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର


୮
**ସାଇ ନମସ୍ୟା ବଳ**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର


୯
**ଦିବ୍ୟରଞ୍ଜନ ପାତ୍ର**
କ୍ଲାସ-୩, କେନ୍ଦ୍ରୀୟ ବିଦ୍ୟାଳୟ-୨, ଭୁବନେଶ୍ୱର




୧


୨


୩



୪



୫


୬



୭


୮


୯

# କବିତା

## ପର୍ବ ଆମ ବଡ଼ଦିନ



ଆସିଲା ଆସିଲା ପାଖେଇ ଆସିଲା
ପର୍ବ ଆମ 'ବଡ଼ଦିନ',
ଜାତି, ଧର୍ମ ଭୁଲି ଖୁସିରେ ପାଳିବା
ଆନନ୍ଦେ ନାଚିବ ମନ।
ଓଡ଼ିଆରେ 'ବଡ଼ଦିନ'ପିଲାମାନେ
ଖ୍ରୀଷ୍ଟମାସ' ଇଙ୍ଗ୍ଲିସରେ,
ଏହି ଦିବସଟି ପ୍ରତିବର୍ଷ ଆସେ
ଡିସେମ୍ବର ପଚିଶରେ।
ଖ୍ରୀଷ୍ଟଧର୍ମର 'ବଡ଼ଦିନ' ପର୍ବ
ନ ଜାଣିଛି କୁହ କିଏ,
ଚଉଦିଗେ ଦେଖ ଚାଲିଛି ପ୍ରସ୍ତୁତି
ଅସରନ୍ତି ଖୁସି ଦିଏ।
ଆଲୋକମାଳାରେ ସୁସଜ୍ଜିତ ହେବ
ଘରଦ୍ୱାର ଆଉ ଗୀର୍ଜା,
ନୂଆ ଜାମା ପିନ୍ଧି କ୍ୟାଣ୍ଡେଲ୍ ଜଳାଇ
ଆନନ୍ଦେ କରିବା ମଜା।
ଖ୍ରୀଷ୍ଟଧର୍ମର ପ୍ରତିଷ୍ଠାତା ପିଲେ
ଯିଶୁଖ୍ରୀଷ୍ଟ ଭଗବାନ
ସେଥିପାଇଁ ତାଙ୍କ ଜନମ ଦିନକୁ
ପାଳେ କହି 'ବଡ଼ଦିନ'।

– ପ୍ରତିଭା ସାହୁ
ଅଧ୍ୟାପିକା, ତାମ୍ରିତ କଲୋନୀ, ଅନୁଗୋଳ
ମୋ: ୯୮୬୧୧୫୧୭୫୦

## ଘେନ ପ୍ରଣିପାତ

ବିଶ୍ୱ ମାନସେ ଦେବଦୂତ ତୁମେ
ଆସିଥିଲ ସେହିଦିନ
ମେଣ୍ଢାଶାଳରେ ମେରୀଙ୍କ କୋଳରେ
ଜେରୁଜେଲମ୍‌ରେ ଜନ୍ମ।
ଦୁଃଖ ଦୁର୍ବିଷହ ଚରଣରେ ଠେଲି
ପୋଛିଲ ମା'ର ତପ୍ତଲୁହ
ସର୍ବହରାର ବନ୍ଧୁରପଥେ
ତୁଟାଇଥିଲ ହେ ଜୀବନ ମୋହ ।
କୁଶ ବର୍ଚ୍ଛାର ଯନ୍ତ୍ରଣା ଘାତେ
ଦଗ୍ଧ ବୁକୁରେ ଯାଇଛ ସହି
ଅପରାଧୀ ମୁଣ୍ଡେ ଢାଳିଦେଲ କ୍ଷମା
ଅଜ୍ଞାନୀଗଣ ଅନ୍ତରେ କହି।
ନିୟୁତ ନିୟୁତ ଜୀବନ ଭିତରେ
ଭରି ଦେଇଛ ଯେ କରୁଣା କ୍ଷମା,
କୋଟିଏ ବାହୁର ବଦ୍ଧମୁଠାରେ
ଭରି ଦେଇଅଛ ଯିଶୁ ଚେତନା।
ବିସ୍ମୟ–ଚିର ସଂଗ୍ରାମୀ ପ୍ରାଣ
ଆଜି ବି ଅଭୁଲା ଦକ୍ଷିଣାୟନେ,
ମାନବ ଚେତନା ଜାଗିଉଠୁ ମନେ
ଘେନ ପ୍ରଣିପାତ ଆଜି ଏ ଦିନେ ।

–ବିଦ୍ୟୁତ୍‌ପ୍ରଭା କର
ପ୍ରଧାନ ଶିକ୍ଷୟିତ୍ରୀ, ଯାଜପୁର
ମୋ: ୯୭୭୮୩୭୫୨୭୬






# ତୁମ ପଢ଼ିବା ପାଇଁ

**କୁନୁମୁନି ପାଇଁ କବିତା:** ଏଥର କବିତା ସଂକଳନରେ 'କୁନୁମୁନି ପାଇଁ କବିତା'ରେ ରହିଛି ଶୁଆଶାରୀ ଗପ, ହେବି ତୋ ସୁନା ଝିଅ, ଧରିବା ପାଇଁ ପରଜାପତି, ଟିକି ବାଛୁରୀର କଥା, ହେବି ତୋ ସୁନା ଝିଅ ପରି ରହିଛି କେତୋଟି ଶିକ୍ଷଣୀୟ କବିତା। ନିର୍ମଳ କୁମାର ଗିରିଙ୍କ ରଚିତ ଏହି ସଂକଳନର ମୂଲ୍ୟ ୨୦ଟଙ୍କା। ଯୋଗାଯୋଗ–ନିର୍ମଳ କୁମାର ଗିରି, ବାଲିବିଲ, ବରୀ, ଯାଜପୁର।

# କହିଲ ଦେଖି



୧ – ବୃକ୍ଷରେ ରହିଛି ପତ୍ର ଦେଖିବାକୁ
ସତେ ଅବା ତରବାରୀ,
ସେ ପତ୍ରର ଦୁଇ ପାର୍ଶ୍ୱ ଶୋଭାପାଏ
କରତର ଧାରପରି।
ଫଳଟି ତାହାର ଅତି ମନୋହର
ଖଟାମିଠା ସମିଶ୍ରଣ
ସେ ଫଳ ଉପର ଭାଗରେ ପତର
କୁହ ସେ ବୃକ୍ଷର ନାମ।

(ସପୁରି)

୨. ଗଛ ପରିପୂର୍ଣ୍ଣ କଣ୍ଟାରେ
ଫଳ ପରିପୂର୍ଣ୍ଣ ଜଟାରେ
ଫଳ ତା କଦଳୀ ଭଳିଆ
ଫୁଲ ତା ଆହା କି ନାଲିଆ
ବାସନା ଘର ତା ଶୂନଟି
କହିଲ ସେ କେଉଁ ଗଛଟି।

(ଶିମିଳି)



୩. ବଗିଚାରେ ମୋର ବୃକ୍ଷଟିଏ ଅଛି,
ମନ ନେଇଯାଏ ରଞ୍ଜି
ଫଳଟି ତାହାର ଅତିବ ମଞ୍ଜୁଳ
ଫଳ ବାହାରେ ତା ମଞ୍ଜି।

(ଲଙ୍କା ଆମ୍ବ)



–ଚନ୍ଦ୍ରମଣି ବଡ଼ିଆ
ଡେଙ୍ଗ, ନିଆଳି, କଟକ

# ପାର୍ଥକ୍ୟ ଦର୍ଶାଅ















# ଆସ ଚିହ୍ନିବା

୧...............
୨...............
୩...............
୪...............

# ଏଥରର ପ୍ରଶ୍ନ ?

* ଖ୍ରୀଷ୍ଟଧର୍ମର ପବିତ୍ର ଗ୍ରନ୍ଥର ନାମ କ'ଣ ?
* କେଉଁ ତାରିଖରେ ବଡଦିନ ବା ଖ୍ରୀଷ୍ଟମାସ ପାଳନ କରାଯାଏ ?
* ଯିଶୁଖ୍ରୀଷ୍ଟ କେଉଁଠାରେ ଜନ୍ମ ଗ୍ରହଣ କରିଥିଲେ ?
* କାହାଙ୍କୁ ଯିଶୁଖ୍ରୀଷ୍ଟଙ୍କ ମା' ବୋଲି ସମ୍ବୋଧନ କରାଯାଏ ?
* ଖ୍ରୀଷ୍ଟମାସ ଅବସରରେ କିଏ ଛୋଟଛୁଆଙ୍କୁ ଉପହାର ଦିଅନ୍ତି ବୋଲି ବିଶ୍ୱାସ ରହିଛି ?

# ଆର ଥରର ଉତ୍ତର

* ଚାର୍ଲସ୍ ବେବେଜ୍
* ବିଲ୍ ଗେଟ୍ସ ଏବଂ ପାଉଲ୍ ଆଲେନ
* ସୁନ୍ଦର ପିଚାଇ
* ମାର୍କ ଜୁକର୍‌ବର୍ଗ
* ଆପଲ

# ଜଣା ଅଜଣା

❖ବୁଢ଼ିଆଣୀମାନେ ପାଣି ଉପରେ ଚାଲିବା ସହିତ ପାଣି ଭିତରେ ନିଃଶ୍ୱାସ ବି ନେଇପାରନ୍ତି ।



❖ଆଫ୍ରିକୀୟ ହାତୀଙ୍କ କାନ ଭାରତୀୟ ହାତୀଙ୍କ କାନଠାରୁ ଆକାରରେ ବଡ଼ ।



❖ଅଣ୍ଡାରୁ ଚିଙ୍ଗୁଡି ଜନ୍ମ ନେଲାବେଳେ ସମସ୍ତ ଚିଙ୍ଗୁଡି ପୁରୁଷ ପ୍ରଜାତିର ଥା'ନ୍ତି କିନ୍ତୁ କାଳକ୍ରମେ ସେମାନଙ୍କ ଲିଙ୍ଗ ପରିବର୍ତ୍ତନ ହୁଏ।



❖ବୈଜ୍ଞାନିକମାନେ ମତ ଦିଅନ୍ତି ଯେ, ଡାଇନୋସର ପୂର୍ବରୁ ଅକ୍ଟୋପସ୍‌ର ଜନ୍ମ ହୋଇଥିଲା ।




❖ଜାପାନରେ ମାକାଉସ୍ ନାମକ ଏକ ମାଙ୍କଡ଼ ପ୍ରଜାତି ଦେଖାଯାନ୍ତି, ଯେଉଁମାନଙ୍କୁ ନିଜ ଖାଦ୍ୟ ଧୋଇ ଖାଇବାର କଳା ବେଶ୍ ଜଣାଥାଏ। ଏମାନେ ବରଫରେ ବଲ୍ ପ୍ରସ୍ତୁତକରି ମଧ୍ୟ ଖେଳିଥାନ୍ତି ।



❖ସାଇବେରିଆନ୍ ସାମୋୟେଡ୍ କୁକୁର ପ୍ରଜାତିର ଛୁଆ ଦେଖିବାକୁ ପୋଲାର ବିୟର ଭଳି ।



❖ଯୁକ୍ତରାଷ୍ଟ୍ର ଆମେରିକାରେ ବୈଜ୍ଞାନିକମାନେ ଗବେଷଣା କରି ଏକ ଉନ୍ନତଧରଣର ପିଆଜ ଆବିଷ୍କାର କରିଛନ୍ତି, ଯାହାକୁ କାଟିବା ଦ୍ୱାରା ଆଖିରୁ ଲୁହ ବାହାରି ନ ଥାଏ। ଏହାର ନାଁ ରହିଛି 'ସୁନିଅନ୍'।



# ଆଇନା



ସହସ୍ରା
(୫ ବର୍ଷ)



ଧର୍ମିଷ୍ଠା
(୬ ବର୍ଷ)